To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
S A K A L A
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଯଦି ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥାନ୍ତେ ତେବେ ପୁରା ଜାମ୍ମୁ-କାଶ୍ମୀର ଭାରତରେ ରହିଥାନ୍ତା : ମୋଦି

R.N.I. No.-42041/83 Vol-15, Issue No.218, ଭଦ୍ରକ, ଗୁରୁବାର, ୮, ଫେବୃୟାରୀ ୨୦୧୮ ■ Bhadrak, Thursday, 8 February 2018 Rs. 2.00 Pages-8

ଏସ୍ଆଇଟି ଯାଞ୍ଚ ହେବ : ମୁଖ୍ୟମନ୍ତ୍ରୀ

- ଦୋଷ ଘୋଡାଇବା ପାଇଁ ପୁଣି ଏକ ଷଡଯନ୍ତ୍ର : ବିଜେପି
- ଯୁବ କଂଗ୍ରେସର ସିବିଆଇ ତଦନ୍ତ ଦାବି
- ବିରୋଧୀ ନିମ୍ନ ସ୍ତରର ରାଜନୀତି କରୁଛନ୍ତି : ବିଜେଡି

ଭୁବନେଶ୍ୱର, ୭।୨ (ସକାଳ ଖବର): କୁନ୍ଦୁଲି ଗଣଦୁଷ୍କର୍ମ ଘଟଣା ପରେ ପୀଡ଼ିତା ନାବାଳିକା ଆତ୍ମହତ୍ୟା କରିବା ଏକ ଦୁଃଖଦ ଘଟଣା ହୋଇଥିବାରୁ ଏହାର ତଦନ୍ତରେ ଅଧିକ ସ୍ୱଚ୍ଛତା ଆଣିବା ପାଇଁ ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଏସଆଇଟି (ସ୍ପେଶାଲ ଇନଭେଷ୍ଟିଗେସନ୍ ଟିମ୍) ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ବୁଧବାର ଦିନ ସଚିବାଳୟ ଠାରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି କମିଟିରେ କେତେ ଜଣ ସଦସ୍ୟ ରହିବେ ଏବଂ କିଏ କିଏ ରହିବେ ସେ ନିଷ୍ପତି କୋର୍ଟ ନେବେ। ଏହି କମିଟି ଗଠନ କରିବା ପାଇଁ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଚିଠି ଲେଖାଯିବ। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ କୁନ୍ଦୁଲି ଘଟଣାର କ୍ରାଇମବ୍ରାଂଚ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବର୍ତମାନ ୨ ଟି ତଦନ୍ତ ଏକସଙ୍ଗେ ଚାଲିବ। ଜଣେ ଆସୀନ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏହି ତଦନ୍ତ କାର୍ଯ୍ୟ ଚାଲିବ ଓ ହାଇକୋର୍ଟ ତାଙ୍କୁ ନିଯୁକ୍ତି ଦେବାପାଇଁ ଅନୁରୋଧ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଥିଲେ ଯେ ସରକାର ଯଥାଶୀଘ୍ର ନ୍ୟାୟ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ। ତଦନ୍ତ ପକ୍ରିୟାରେ ଯେପରି ସ୍ୱଚ୍ଛତା ରହିବ ବୋଲି ସରକାର ସେଥିପ୍ରତି ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ କୁନ୍ଦୁଲି ଗଣଦୁଷ୍କର୍ମ ମାମଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏସଆଇଟି ଘୋଷଣା ଦୋଷ ଘୋଡାଇବା ପାଇଁ ପୁଣି ଏକ ଷଡଯନ୍ତ୍ର ବୋଲି ଅଭିଯୋଗ କରିଛନ୍ତି ବରିଷ୍ଠ ଆଇନଜୀବୀ ତଥା ବିଜେପି ରାଜ୍ୟ ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ। ଏସଆଇଟି ଗଠନ କରିବାର ଅଧିକାର ଆଇନତଃ ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ପାଖରେ ଅଛି ବୋଲି କହିଛନ୍ତି ଶ୍ରୀ ଆଚାର୍ଯ୍ୟ। ତେଣୁ ମୁଖ୍ୟମନ୍ତ୍ରୀ ନିଜ ଆଡୁ ଏସଆଇଟି ଗଠନ କରିବା ଘୋଷଣା କରି ଏହା ମାନ୍ୟବର କୋର୍ଟଙ୍କ ତତ୍ତ୍ୱାବଧାନରେ ଚାଲିବ ବୋଲି ଘୋଷଣା କରିବା ଅନୁସାର ଶୂନ୍ୟ କଥା। ଏହାର ଆଇନଗତ କିଛି ବୈଧତା ନାହିଁ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି। ସେହିପରି କୁନ୍ଦୁଲି ଘଟଣାରେ ସିବିଆଇ ତଦନ୍ତ ଦାବି କରି ଆସନ୍ତାକାଲି ଯୁବ କଂଗ୍ରେସ ପକ୍ଷରୁ ନବୀନ ନିବାସ ଘେରାଉ କରାଯିବ ବୋଲି କଂଗ୍ରେସର ପୂର୍ବତନ ସାଂସଦ ପ୍ରଦୀପ ମାଝୀ ସୂଚନା ଦେଇଛନ୍ତି। **(ପୃଷ୍ଠା-୭)**

ଧାନର ଏଫଏକ୍ୟୁ ମାନ କୋହଳ କଲେ କେନ୍ଦ୍ର ସରକାର

ଧର୍ମେନ୍ଦ୍ରଙ୍କୁ ଅବଗତ କଲେ ପାଶୱାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୭।୨ : ରାଜ୍ୟରେ ଅଦିନିଆ ବର୍ଷା ଯୋଗୁଁ ପ୍ରଭାବିତ ୧୫ ଟି ଜିଲ୍ଲାର ଚାଷୀ ମାନଙ୍କୁ ଧାନ କ୍ରୟ ସମୟରେ ଏଫଏକ୍ୟୁ ନିୟମକୁ କୋହଳ କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତି ନେଇଛନ୍ତି। କେନ୍ଦ୍ର ଖାଉଟି କଲ୍ୟାଣ, ଖାଦ୍ୟ ଓ ସାଧାରଣ ବଂଟନ ବିଭାଗ ମନ୍ତ୍ରୀ ରାମବିଳାସ ପାଶୱାନ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପତ୍ର ଲେଖି ଏସମ୍ବନ୍ଧୀୟ ସୂଚନା ପ୍ରଦାନ କରିଛନ୍ତି।

ଶ୍ରୀ ପାଶୱାନ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ କେନ୍ଦ୍ର ସରକାର କୃଷକ ମାନଙ୍କର ବିକାଶ ପାଇଁ ସଂକଳ୍ପବଦ୍ଧ। କୃଷକ ମାନଙ୍କର ଅସୁବିଧା ସମୟରେ ସେମାନଙ୍କୁ ସାହାଯ୍ୟ କରିବା ସରକାରଙ୍କ ପ୍ରାଥମିକତା।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଓଡିଶାରେ ଅଦିନିଆ ବର୍ଷା ଦ୍ୱାରା ପ୍ରଭାବିତ ଜିଲ୍ଲାର ଚାଷୀ ମାନଙ୍କୁ ଏଫଏକ୍ୟୁ ମାନ କୋହଳ କରି କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟ ଯୋଗାଇଦେବା ପାଇଁ ଶ୍ରୀ ପ୍ରଧାନ ଅନେକ ଥର ବିଭାଗୀୟ ମନ୍ତ୍ରୀ ରାମବିଳାସ ପାଶୱାନଙ୍କ ସହିତ ଆଲୋଚନା କରିଥିଲେ। ଏହି ସମ୍ବନ୍ଧରେ ଗତ ଜାନୁଆରୀ ୩ ତାରିଖରେ ଏକ ପତ୍ର ଲେଖି ଶ୍ରୀ ପ୍ରଧାନ ପୁଣି ଏଫଏକ୍ୟୁ ମାନ କୋହଳ କରିବା ପାଇଁ ଅନୁରୋଧ କରିଥିଲେ।

ପୃଥ୍ୱୀ- ୨ର ସଫଳ ପରୀକ୍ଷଣ

ବାଲେଶ୍ୱର, ୭।୨(ସକାଳ ଖବର): ଭୂପୃଷ୍ଠରୁ ଭୂପୃଷ୍ଠକୁ ଲକ୍ଷ୍ୟଭେଦ କରିପାରୁଥିବା ସ୍ୱଳ୍ପ ଦୂରଗାମୀ ବାଲିଷ୍ଟିକ୍ ମିଶାଇଲ ପୃଥ୍ୱୀ- ୨ ର ଆଜି ବ୍ୟବହାରିକ ପରୀକ୍ଷଣ ସଫଳ ହୋଇଛି। ପୂର୍ବାହ୍ନ ୧୧ ଟା ୩୭ ମିନିଟ୍ ସମୟରେ ଚାନ୍ଦିପୁରସ୍ଥିତ କ୍ଷେପଣାସ୍ତ୍ର ପରୀକ୍ଷା କେନ୍ଦ୍ରର ୩ନଂ ଲଂଚ ପ୍ୟାଡ୍ ରୁ ଭାରତୀୟ ଜ୍ଞାନ କୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ରର ପରୀକ୍ଷଣ ହୋଇଛି। ପୃଥ୍ୱୀ-୨ କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା, ଟ୍ରାଜେକ୍ଟୋରୀ ଓ ବେଗ ଉପରେ ବିକଶିତ କରାଯାଇଛି। ଯାହାର ତଥ୍ୟ ଏହି ପରୀକ୍ଷଣ ବେଳେ ସଂଗ୍ରହ କରାଯାଇଛି। ଜରୁରୀକାଳୀନ ସ୍ଥିତିରେ କ୍ଷେପଣାସ୍ତ୍ରକୁ ଆବଶ୍ୟକତା ଅନୁସାରେ ବ୍ୟବହାର କରାଯିବା ଉଦ୍ଦେଶ୍ୟରେ ଏହାର ପରୀକ୍ଷଣ କରାଯାଇଛି। ଡିଆରଡିଓ ଓ ଭାରତ ଡାଇନାମିକ ଲିମିଟେଡ୍ ର ମିଳିତ ସହଯୋଗରେ ନିର୍ମିତ ହୋଇଛି ଏହି କ୍ଷେପଣାସ୍ତ୍ର। ଏହାର ଲକ୍ଷ୍ୟଭେଦ କ୍ଷମତା ୩୫୦ କିମି, ଲମ୍ବ ୮.୫୬ ସେଂଟିମିଟର, ମୋଟେଇ ୧୧୦ ସେଂଟିମିଟର ଏବଂ ଓଜନ ୪ ହଜାର ୬ଶହ କିଲୋଗ୍ରାମ ରହିଛି। ଏଥିରେ ୫ଶହ କିଲୋଗ୍ରାମରୁ ୧ ହଜାର କିଲୋଗ୍ରାମ ପର୍ଯ୍ୟନ୍ତ ଉଭୟ ପାରମ୍ପରିକ ଓ ଅଣୁଅସ୍ତ୍ର ବ୍ୟବହାର କରାଯାଇପାରିବ। ୧୯୯୪ ମସିହାରୁ ଏହି ମିଶାଇଲକୁ ସ୍ଥଳସେନାରେ ସାମିଲ୍ କରାଯାଇଛି।

ଆନ୍ତଃ ବିଭାଗୀୟ କମିଟିର କୋଟିଆ ଗସ୍ତ ଆଜି

ଭୁବନେଶ୍ୱର,୭।୨ (ସକାଳ ଖବର): କୋରାପୁଟ ଜିଲ୍ଲାର ପଟ୍ଟାଙ୍ଗୀ ତହସିଲ ଅନ୍ତର୍ଗତ କୋଟିଆ ପଞ୍ଚାୟତରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ପକ୍ଷରୁ ବେଆଇନ ରାସ୍ତା ନିର୍ମାଣ, ଆଧାର କାର୍ଡ ସହ ବିଭିନ୍ନ ସାମଗ୍ରୀ ବଣ୍ଟନର ଅଭିଯୋଗ ସମ୍ବନ୍ଧରେ ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ସେଠାରେ ଗ୍ରହଣ କରାଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଏବଂ କଲ୍ୟାଣକାରୀ ଯୋଜନାର ସଦ୍ୟତମ ସ୍ଥିତି ଅନୁଧ୍ୟାନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗଠିତ ଏକ ଉଚ୍ଚସ୍ତରୀୟ ଆନ୍ତଃବିଭାଗୀୟ କମିଟି ଫେବୃଆରୀ ୮ ତାରିଖରେ କୋରାପୁଟ ଜିଲ୍ଲା ଗସ୍ତରେ ଯିବେ। କମିଟିରେ ଆଇଜି ପୋଲିସ(ଏସ୍ଏପି) ଶ୍ରୀ ସଂଜୀବ ପଣ୍ଡା, ରାଜସ୍ୱ ବିଭାଗର ନିର୍ଦ୍ଦେଶକ(ପୁନର୍ବାସ ଓ ଥଇଥାନ) ଓ ପଦପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ ଶ୍ରୀ ଅଶୋକ କୁମାର ନାୟକ, ରାଜସ୍ୱ ବିଭାଗର ଅତିରିକ୍ତ ଶାସନ ସଚିବ(ସିଏଚ୍ ଆଣ୍ଡ ଏସ୍) ଶ୍ରୀ ଶଶଧର ନାୟକ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀ(ପ୍ଲାନ-ରାସ୍ତା) ଶ୍ରୀ ଆଶୁତୋଷ ମଲ୍ଲିକ ସଦସ୍ୟ ରହିବେ। କମିଟି ୮ ତାରିଖ ସନ୍ଧ୍ୟାରେ କୋରାପୁଟଠାରେ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ ଏବଂ ସ୍ଥାନୀୟ ବରିଷ୍ଠ ଅଧିକାରୀଙ୍କ ସହିତ ସ୍ଥିତି ସମ୍ବନ୍ଧରେ ଆଲୋଚନା କରିବେ ଏବଂ ୯ ତାରିଖ ଦିନ କୋଟିଆ ଗ୍ରାମ ପଞ୍ଚାୟତର ବିଭିନ୍ନ ଗ୍ରାମ **(ପୃଷ୍ଠା-୭)**

ଓଡ଼ିଶାରେ ନେପାଳ ନରେଶ

ଭୁବନେଶ୍ୱର, ୭।୨ (ସକାଳ ଖବର): ନେପାଳର ରାଜା ଜ୍ଞାନେନ୍ଦ୍ର ବୀର ବିକ୍ରମ ଶାହ ଦେବ ଓଡିଶା ଗସ୍ତରେ ଆସି ବୁଧବାର ପୂର୍ବାହ୍ନରେ ଭୁବନେଶ୍ୱରରେ ପହଂଚିଛନ୍ତି।୬ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ନେପାଳ ରାଜା ଜଟଣୀରେ ଏକ ଗୋଶାଳାର ଉଦଘାଟନ କାର୍ଯ୍ୟକ୍ରମରେ ଯୋଗଦେବେ। ଆସନ୍ତା ୧୨ ତାରିଖରେ ସେ ପ୍ରତ୍ୟାବର୍ତନ କରିବେ। ଏହା ପୂର୍ବରୁ ସେ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ପଟ୍ଟାଭିଷେକର ୨୫ ବର୍ଷ ପୂର୍ତି ଉତ୍ସବରେ ଯୋଗ ଦେବା ସହ ଲିଙ୍ଗରାଜ ମନ୍ଦିର, ସାକ୍ଷୀଗୋପାଳ ମନ୍ଦିର ଏବଂ ଶ୍ରୀମନ୍ଦିର ଯିବାର କାର୍ଯ୍ୟକ୍ରମ ରହିଛି। ବୁଧବାର ପୂର୍ବାହ୍ନରେ ନେପାଳ ରାଜା ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବା ପରେ ଶ୍ରୀ ଗୋବର୍ଦ୍ଧନ ପୀଠ ଓ ପଟ୍ଟାଭିଷେକ ସଂଚାଳନ କମିଟି ପକ୍ଷରୁ ବଦ୍ରିନାଥ ପଟ୍ଟନାୟକ ଓ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଉତରୀୟ ଦେଇ ସ୍ୱାଗତ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସଚିବ ଆଲୋକ କୁମାର କର ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଓଡିଶାକୁ ସ୍ୱାଗତ ଜଣାଇଥିଲେ। ପରେ ଗୋବର୍ଦ୍ଧନ ପୀଠର ପଣ୍ଡିତ ମାନେ ବେଦମନ୍ତ୍ର ସହ ସିନ୍ଦୁର ଚନ୍ଦନ ଦେଇ ବନ୍ଦାପନା କରିଥିଲେ। ଆସନ୍ତାକାଲି ସେ ଲିଙ୍ଗରାଜ ମନ୍ଦିର ଯାଇ ପ୍ରଭୁ ଲିଙ୍ଗରାଜଙ୍କୁ ଦର୍ଶନ କରିବେ। ସେହିପରି ଆସନ୍ତା ୯ତାରିଖରେ **(ପୃଷ୍ଠା-୭)**

କାଉ ମଡକ ବାର୍ଡ ଫ୍ଲୁ ସନ୍ଦେହ

ଜଗତସିଂହପୁର, : ପାରାଦ୍ୱୀପରେ ଏବେ ଦେଖାଦେଇଛି କାଉ ମଡକ। ଏକ ସପ୍ତାହ ଧରି ବନ୍ଦର ନଗରୀର ଗଳିକନ୍ଦିରେ ମରି ପଡୁଛନ୍ତି କାଉ। ପ୍ରତିଦିନ ମାର୍କେଟ୍ ଛକ ଓ ରାସ୍ତା ଘାଟରେ ଦେଖାଯାଉଛି ଏଭଳି ଦୃଶ୍ୟ। କେବଳ ଛକ, ବଜାର ନୁହେଁ ପାରାଦ୍ୱୀପ ମେଡିକାଲ ପରିସର ମଧ୍ୟରେ ପଡି ରହିଛି ଶହେରୁ ଅଧିକ ମଲା କୁଆ। ଯାହାକୁ ନେଇ ଲୋକମାନଙ୍କ ମଧ୍ୟରେ ବାର୍ଡ ଫ୍ଲୁର ସନ୍ଦେହ ଜାତ ହୋଇଛି। ତେବେ ବନ୍ଦର ମେଡ଼ିକାଲର ପରିସର ମଧ୍ୟରେ ପ୍ରାୟ ଶତାଧିକ ମୃତ କାଉ ପଡ଼ିଥିବା ଦେଖାଦେଇଛିଛ ଏଗୁଡ଼ିକୁ ତୁରନ୍ତ ପୋତିବା ଦିଗରେ କେହି ତତ୍ପରତା ପ୍ରକାଶ କରୁନଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ପଶୁ ଚିକିତ୍ସାଧିକାରୀ କହିଛନ୍ତି, ଦୀର୍ଘଦିନ ପଡି ରହିଲେ ଯଦି ଏମାନଙ୍କଠାରୁ ବାର୍ଡ ଫ୍ଲୁର ଭୂତାଣୁ ଥାଏ ତେବେ ଜନସାଧାରଣଙ୍କ କ୍ଷତିର କାରଣ ହେବ। ବନ୍ଦର ବାସୀ ତୁରନ୍ତ ପୋତା ଯିବାକୁ ଦାବି କରୁଛନ୍ତି। ବିଭିନ୍ନ ଜାଗାରୁ ୫୦ଟି ନମୁନା ସଂଗ୍ରହ କରାଯାଇ ଆଂଚଳିକ ପରୀକ୍ଷାଗାରକୁ ଗତ ୧ ତାରିଖରୁ ପଠାଯାଇଛି। ରିପୋର୍ଟ ଆସିବା ପରେ ସବିଶେଷ ତଥ୍ୟ ଜଣାପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି।

ଆଜି କ୍ୟାବିନେଟ୍

ଭୁବନେଶ୍ୱର, ୭।୨ (ସକାଳ ଖବର): ଆସନ୍ତାକାଲି ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ। ଆସନ୍ତାକାଲି ସଚିବାଳୟ ଠାରେ ଅପରାହ୍ନ ୫ ଟା ୪୫ ମିନିଟ୍ ରେ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିବେ। ଏହି ବୈଠକରେ ୧୭ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିବା ପରେ ଅନୁମୋଦନ କରାଯିବ ବୋଲି ସଂସଦୀୟ ବ୍ୟାପାର ବିଭାଗ ସୂତ୍ରରୁ ପ୍ରକାଶ।



ଯିଏ ମୋତେ ଭକ୍ତିରେ
ହାତ ଯୋଡିବ ମୁଁ ତା
ପାଖକୁ ପହଞ୍ଚିବି ସେ

ହୁଣ୍ଡିର ଆୟ (୨.୨.୧୮)
୧,୨୮,୮୩୯

ପୁଣି ଘନେଇଲା ବିଶ୍ୱଯୁଦ୍ଧର ଆତଙ୍କ

- ଉତ୍ତରକୋରିଆକୁ ଆମେରିକାର ଚେତାବନୀ
- ଲଗାଇବୁ ସବୁଠୁ ବଡ଼ ପ୍ରତିବନ୍ଧକ



ଟୋକିଓ,୭।୨: ପୁଣିଥରେ ବିଶ୍ୱଯୁଦ୍ଧର ଆତଙ୍କ ସାରା ବିଶ୍ୱରେ ଦେଖାଦେଇଛି। ମିଳିତ ଜାତିସଂଘର ପ୍ରତିବନ୍ଧକ ସତ୍ତ୍ୱେ ମଧ୍ୟ ଲଗାତାର କ୍ଷେପଣାସ୍ତ୍ର ପରୀକ୍ଷଣ କରି ଦୁନିଆ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଥିବା ଉତ୍ତର କୋରିଆ ଉପରେ ଆମେରିକା ଏପର୍ଯ୍ୟନ୍ତ ସବୁଠୁ ବଡ଼ ପ୍ରତିବନ୍ଧକ ଲଗାଇପାରେ। ଆମେରିକାର ଉପରାଷ୍ଟ୍ରପତି ମାଇକ ପେନ୍ସ ବୁଧବାର କହିଛନ୍ତି ଯେ ଆମେ ଉତ୍ତର କୋରିଆ ଉପରେ କଠୋର ଏବଂ ସବୁଠୁ ଆକ୍ରାମକ ଆର୍ଥିକ ପ୍ରତିବନ୍ଧକ ଘୋଷଣା କରିବୁ। କେବଳ ଏତିକି ନୁହେଁ ସେ କହିଛନ୍ତି ଯେ ଉତ୍ତର କୋରିଆକୁ ଆମେ ଆଗାମୀ ଅଲିମ୍ପିକ ଖେଳକୁ ହାଇଜ୍ୟାକ କରିବାକୁ ଦେବୁ ନାହିଁ। ଶୀତକାଳୀନ ଖେଳର ଉଦଘାଟନୀ ସମାରୋହରେ ସାମିଲ ହେବା ପୂର୍ବରୁ ପେନ୍ସ କହିଛନ୍ତି ଯେ ଆମେରିକା ଜାପାନ ସହିତ ମିଶି ଉତ୍ତର କୋରିଆ ଉପରେ ଚାପ ପକାଇବାର କାମ ଜାରି ରଖିବେଛ ବିସ୍ତୃତ ସୂଚନା ନଦେଇ ସେ କହିଛନ୍ତି ଯେ ମୁଁ ଆଜି ଘୋଷଣା କରୁଛି ଯେ ଆମେରିକା ଖୁବ୍ ଶୀଘ୍ର ଉତ୍ତର କୋରିଆ ବିରୋଧରେ ଏ ପର୍ଯ୍ୟନ୍ତର ସବୁଠୁ ବଡ଼ ପ୍ରତିବନ୍ଧକ ଲଗାଇବାର ଘୋଷଣା କରିବ। ଆମେରିକା ସୂତ୍ର ମୁତାବକ ପେନ୍ସଙ୍କ ତିନି ଦିବସୀୟ ଜାପାନ ଗସ୍ତର ଉଦ୍ଦେଶ୍ୟ କୋରିଆ ଉପଦ୍ୱୀପରେ **(ପୃଷ୍ଠା-୭)**

ବିଜେପୁର ଉପନିର୍ବାଚନ ୧୪ ଜଣଙ୍କ ପ୍ରାର୍ଥୀପତ୍ର କାଏମ୍

ଭୁବନେଶ୍ୱର, ୭।୨ (ସକାଳ ଖବର): ବିଜେପୁର ଉପନିର୍ବାଚନ ପାଇଁ ୧୭ ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଯାଂଚ ପରେ ତିନି ଜଣ ପ୍ରାର୍ଥୀଙ୍କର ପ୍ରାର୍ଥୀପତ୍ର ନାକଚ ହୋଇଛି। ଅନ୍ୟ ୧୪ ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ଭାରତୀୟ ଜନତା ପାର୍ଟିର ଅଶୋକ କୁମାର ପାଣିଗ୍ରାହୀ, ଭାରତୀୟ ଜାତୀୟ କଂଗ୍ରେସର ପ୍ରଣୟ କୁମାର ସାହୁ, ବିଜୁ ଜନତା ଦଳର ରିତା ସାହୁ, ରିପବ୍ଲିକାନ୍ ପାର୍ଟିର ଦେବହରି ହର୍ପାଲ୍, ଆମ୍ବେଦକରାୟତ ପାର୍ଟି ଅଫ୍ ଇଣ୍ଡିଆର ପୂର୍ଣ୍ଣଚନ୍ଦ୍ର ପାଇକ, ପ୍ରୋଟିଷ୍ଟ ବ୍ଲକ୍ର ଯୁଗଳ କିଶୋର ସାହୁ ପ୍ରାର୍ଥୀପତ୍ର ଦାଖଲ କରିଥିବାବେଳେ ସ୍ୱାଧୀନ ଭାବରେ କୁବେରଲାଲ ଯାଦବ, ଚୂଡାମଣି କେଶରୀ, ଜେହେରୁ ବାଗ୍, ଦେବର୍ଚ୍ଚନା ନାୟକ, ପ୍ରମୋଦ କୁମାର ଛତର,

- ▶ ୩ ପ୍ରାର୍ଥୀପତ୍ର ନାକଚ୍
- ▶ ବଦଳିବେ ବରଗଡ଼ ଏସ୍ପି

ରଥ ଖାଲ୍କୋ, ରାଜନ୍ଦ୍ରେ ପୁରୋହିତ ଓ ସଦାଶିବ ନାଗ ସେମାନଙ୍କର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଯାଂଚ ସମୟରେ ଉତ୍କଳ ଭାରତ ପାର୍ଟିର ଜଗତରାମ୍ ପଟେଲ୍ଙ୍କ ସମେତ ସ୍ୱାଧୀନ ପ୍ରାର୍ଥୀ କମଳ କୁମାର ଦାସ ଓ ଦିଗମ୍ବର ସାହୁଙ୍କର ପ୍ରାର୍ଥୀପତ୍ର ନାକଚ ହୋଇଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ସେହିପରି ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ବରଗଡ଼ ଏସ୍ପିଙ୍କୁ ବଦଳି କରିବା ପାଇଁ ଗୃହ ବିଭାଗକୁ ଚିଠି ଲେଖିଥିବା ସୂଚନା ମିଳିଛି।

ଦ୍ୱିତୀୟ ବ୍ରାହ୍ମଣୀ ପୋଲ ନିର୍ମାଣ ପ୍ରସଙ୍ଗ ଆନ୍ଦୋଳନ ପାଇଁ ଓକିଲ ସଂଘର ପ୍ରସ୍ତୁତି

ରାଉରକେଲା, ୭।୨ (ସକାଳ ଖବର): ଦ୍ୱିତୀୟ ବ୍ରାହ୍ମଣୀ ପୋଲ ନିର୍ମାଣ ଦାବି ନେଇ ବିଜେଡି, ବିଜେପି ଓ କଂଗ୍ରେସ ପରେ ଏବେ ରାଉରକେଲା ଓକିଲ ସଂଘ ଆନ୍ଦୋଳନକୁ ଓହ୍ଲାଇବାକୁ ସଜବାଜ ହେଉଥିବା ଖବର ମିଳିଛି। ସଂଘ ସଭାପତି ଶ୍ରୀ ସତ୍ୟ ଶର୍ମାଙ୍କ ସହ ଅନଔପଚାରିକ ଭାବେ କଥା ହେବା ବେଳେ ସେ କହିଛନ୍ତି ଖୁବ୍ ଶିଘ୍ର ଗଣମାଧ୍ୟମକୁ ଡ଼ାକି ଆନ୍ଦୋଳନ ସମ୍ପର୍କରେ ଘୋଷଣା କରାଯିବ। ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ କାମ ଆରମ୍ଭ ନହେଲେ ଓକିଲ ସଂଘ ପରବର୍ତି ପଦକ୍ଷେପ ନେବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୦୧୭ ମସିହା ଜୁଲାଇ ମାସ ୨୧ତାରିଖରେ ୩ କେନ୍ଦ୍ର ମନ୍ତ୍ରୀ ଆସି ଏହାର ଶୁଭ ଦେବା ସହ ୧୫ ଦିନ ଭିତରେ କାମ ଆରମ୍ଭ ହୋଇ ୩୦ ମାସ ଭିତରେ କାମ ସରିବ। ଏଥିଲାଗି ରାସ୍ତା ସହ ୩୮ ୧କୋଟି ୭୫ଲକ୍ଷ ବ୍ୟୟ ବରାଦ କରାଯାଇଥିବା ନେଇ ସୂଚନା ଦିଆଯାଇଥିଲା। ଏହି ଅବସରରେ ସେଠାରେ ରାଉରକେଲା ବିଧାୟକ ଦିଲିପ ରାୟ ମଧ୍ୟ ଉପସ୍ଥିତ ଥିଲେ। ଦିନ ପରେ ଦିନ **(ପୃଷ୍ଠା-୭)**

ଆଜିଠୁ ଅଯୋଧ୍ୟା ମାମଲାର ଶୁଣାଣି

ନୂଆଦିଲ୍ଲୀ, ୭।୨: ସୁପ୍ରିମକୋର୍ଟରେ ସମ୍ବେଦନଶୀଳ ଅଯୋଧ୍ୟା ରାମ ମନ୍ଦିର-ବାବ୍ରି ମସଜିଦ ବିବାଦର ଶୁଣାଣି ଆସନ୍ତାକାଲିଠୁ ଆରମ୍ଭ ହେବ। ସମ୍ଭବତଃ ସର୍ବୋଚ୍ଚ ନ୍ୟାୟାଳୟରେ ଚଳିତ ବର୍ଷର ଏହା ହେଉଛି ସବୁଠୁ ବଡ଼ ମାମଲା। ଏହି ମାମଲା ଉପରେ ଦେଶର କୋଟି କୋଟି ଜନତାଙ୍କ ନଜର ରହିଛି। ଗତ ଶୁଣାଣିରେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଦୀପକ ମିଶ୍ରଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ସ୍ପଷ୍ଟ କରିଥିଲେ ଯେ ଏବେ ଏହି ମାମଲାର ଶୁଣାଣିକୁ ଆଉ ଟଳାଯାଇ ପାରିବ ନାହିଁ। ଡିସେମ୍ବର ୫ରେ ହୋଇଥିବା ପୂର୍ବ ଶୁଣାଣିରେ ମୁସଲିମ ପକ୍ଷକାରଙ୍କ ପକ୍ଷରୁ ଓକିଲ ଥିବା କପିଲ ସିବ୍ବଲ କହିଥିଲେ ଯେ ମାମଲାର ଶୁଣାଣି ପାଇଁ ଏତେ ବ୍ୟଗ୍ର କାହିଁକି।

ଏହି ମାମଲାର ଶୁଣାଣି ୨୦୧୯ ପରେ ହେବା ଉଚିତ୍। ସିବ୍ବଲ କହିଥିଲେ ଯେ ଏହା କୌଣସି ସାଧାରଣ ବିବାଦ ନୁହେଁ ବରଂ ଏହି ମାମଲା ଭାରତୀୟ ରାଜନୀତିର ଭବିଷ୍ୟତ ଉପରେ ପ୍ରଭାବ ପକାଇବ। ମୁସଲିମ ସଂଗଠନ ପକ୍ଷରୁ ହାଜର ସିବ୍ବଲ ଏବଂ ଅନ୍ୟ ଓକିଲ କହିଥିଲେ ଯେ ଏହି ମାମଲାକୁ ସାମ୍ବିଧାନିକ ବେଞ୍ଚକୁ ପଠାଇ ଦେବା ଉଚିତ୍। ମାମଲାର ଶୁଣାଣି ୨୦୧୯ ଜୁଲାଇ ପରେ କରାଯିବା ନେଇ ଦଲିଲ ପରେ କୋର୍ଟ ବାହାରେ ପ୍ରବଳ ବିତର୍କ ହୋଇଥିଲା। ଅନ୍ୟ ପଟେ ରାମ ଜନ୍ମଭୂମୀ ଟ୍ରଷ୍ଟ, ରାମ ଲଲା ଏବଂ ଅନ୍ୟମାନଙ୍କ ପକ୍ଷରୁ ଓକିଲ ହରିଶ ସାଲଭେ, ସିଏସ ବୈଦ୍ୟନାଥ ଏବଂ ଅନ୍ୟ ଓକିଲ ହାଜର ହୋଇଥିଲେଛ ସାଲଭେ କହିଥିଲେ ଯେ ଏହି ମାମଲାର ଅପିଲ ୭ ବର୍ଷରୁ ପଡିରହିଛି। ଏହା ମଧ୍ୟ କାହାକୁ ଜଣା ନାହିଁ ଯେ ଏହି ମାମଲାର ନିଷ୍ପତ୍ତି କେମିତି ହେବ। କିନ୍ତୁ ମାମଲାର ଶୁଣାଣି ହେବା ଉଚିତ୍। କୋର୍ଟକୁ ଏହା ଉପରେ ଯାଏ ଆସେ ନାହିଁ ଯେ କୋର୍ଟ ବାହାରର ପରିସ୍ଥିତି କଣ ରହିଛି ଏବଂ କଣ ହେଉଛି। ଉତ୍ତର ପ୍ରଦେଶ ସରକାର ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ତୁଷାର ମେହତା କହିଥିଲେ ଯେ ସମସ୍ତ ଦସ୍ତାବିଜ ଉପସ୍ଥାପନ ହୋଇ ସାରିଛି ଏବଂ ଏହି ମାମଲାର **(ପୃଷ୍ଠା-୭)**

District J.R.C. Study Training Camp, Bhadrak

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick